# NATIONAL NEWS BULLETIN (ODIA)

**17 November- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ନୂତନ ସରକାର ଗଠନ ପୂର୍ବରୁ କ୍ୟାବିନେଟ୍ ଭଙ୍ଗ ଲାଗି ବିହାର ସରକାରଙ୍କ ସୁପାରିଶ ।
- ଜାମ୍ମୁ କାଶ୍ମୀରରେ ଆତଙ୍କବାଦୀ କାର୍ଯ୍ୟକଳାପ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଛି, କହିଲେ ସ୍ଥଳସେନା ମୁଖ୍ୟ ।
- ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହେଲା ଉତ୍ତରାଞ୍ଚଳ ଜୋନାଲ ପରିଷଦ ବୈଠକ ।

ଏବଂ

- ସାଉଦୀଆରବରେ ଏକ ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣାରେ ଅନେକ ଭାରତୀୟ ମୃତାହତ ସୂଚନା ।

# ବିହାର-ନୀତିଶ କ୍ୟାବିନେଟ୍

ବିହାର ବିଧାନସଭା ନିର୍ବାଚନ ପରେ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍ ଆଜି ପୂର୍ବର ଏନ୍‌ଡିଏ ସରକାର ଭଙ୍ଗ କରିବା ଲାଗି ସୁପାରିଶ କରିଛନ୍ତି । ସରକାରୀ ସୂଚନା ଅନୁଯାୟୀ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ଅଧ୍ୟକ୍ଷତାରେ ଶେଷ କ୍ୟାବିନେଟ୍ ବୈଠକ

ବସିବା ପରେ ବର୍ତ୍ତମାନର କ୍ୟାବିନେଟ୍‌କୁ ଭଙ୍ଗ କରିବା ଲାଗି ସେ ରାଜଭବନ ଯାଇ ରାଜ୍ୟପାଳ ଅରିଫ ମହମ୍ମଦ ଖାନ୍‌ଙ୍କୁ କ୍ୟାବିନେଟ୍ ଭଙ୍ଗ ସମ୍ପର୍କିତ ନିଷ୍ପତ୍ତି ପତ୍ର ହସ୍ତାନ୍ତର କରିଛନ୍ତି ।

ଏହାପରେ ମୁଖ୍ୟମନ୍ତ୍ରୀ ନୀତିଶ କୁମାର ସଂଯୁକ୍ତ ଜନତା ଦଳ-ଜେଡିୟୁ ବିଧାୟକ ଦଳ ବୈଠକରେ ଯୋଗଦେବେ । ନୀତିଶ କୁମାର ଏବେ ଦଳର ଜାତୀୟ ସଭାପତି ଅଛନ୍ତି । ବିଧାୟକ ଦଳ ବୈଠକରେ ଶ୍ରୀ କୁମାର ଜେଡିୟୁର ନେତା ନିର୍ବାଚିତ ହେବାର ସମ୍ଭାବନା ରହିଛି । ଆସନ୍ତା ୨୦ ତାରିଖରେ ପାଟ୍‌ନାର ଐତିହାସିକ ଗାନ୍ଧି ମଇଦାନଠାରେ ନୂଆ ସରକାରଙ୍କ ଶପଥଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ। ଶପଥଗ୍ରହଣ ଉତ୍ସବ ପାଇଁ ପ୍ରସ୍ତୁତିକାର୍ଯ୍ୟ ଆରମ୍ଭ ହୋଇଯାଇଛି । ଗାନ୍ଧୀମଇଦାନ ଚାରିପଟେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । ଆସନ୍ତାକାଲି ଏନ୍‌ଡିଏର ନେତାଭାବେ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ନାମ ଘୋଷଣା କରିବାର କାର୍ଯ୍ୟକ୍ରମ ରହିଛି । ଏହାପରେ ଏନ୍‌ଡିଏ ବିଧାୟକ ଦଳ ନୂଆ ସରକାର ଗଠନ କରିବା ନେଇ ରାଜ୍ୟପାଳଙ୍କୁ ତାଲିକା ପ୍ରଦାନ କରିବ ।

ଇତିମଧ୍ୟରେ ବିଜେପି ରାଜ୍ୟ ସଭାପତି ଦିଲ୍ଲୀପ ଜୟସ୍ୱାଲ କହିଛନ୍ତି ଯେ ଆସନ୍ତାକାଲି ବିଜେପିର ୮୯ଜଣ ନୂତନ ବିଧାୟକଙ୍କୁ ନେଇ ରାଜ୍ୟ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହେବାର ଅଛି । ଏଥିରେ ବିଜେପି ବିଧାୟକ ଦଳ ନେତା ନିର୍ବାଚନ କରାଯିବ ବୋଲି ଶ୍ରୀ ଜୟସ୍ୱାଲ କହିଛନ୍ତି ।

## ଆର୍ମି ଚିଫ୍-ଟେରୋରିଜିମ

ଜାମ୍ମୁକାଶ୍ମୀରରେ ଆତଙ୍କବାଦୀ କାର୍ଯ୍ୟକଳାପ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଛି ବୋଲି ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ କହିଛନ୍ତି । ନୂଆଦିଲ୍ଲୀଠାରେ ଚାଣକ୍ୟ ଡିଫେନ୍ସ ଡାଇଲଗ ୨୦୨୫ର ଶୁଭାରମ୍ଭ କରିବା ଅବସରରେ ସେ ଏହା କହିଛନ୍ତି । ଚଳିତବର୍ଷ ଅଦ୍ୟାବଧି ୩୧ଜଣ ଆତଙ୍କବାଦୀଙ୍କୁ ନିପାତ କରାଯାଇପାରିଛି, ଯେଉଁଥିରେ ୬୧ପ୍ରତିଶତ ପାକିସ୍ତାନୀ ଆତଙ୍କବାଦୀ ଥିବା ଜଣାପଡିଛି । ବର୍ତ୍ତମାନ ସେଠାରେ କୌଣସି ସ୍ଥାନରେ ଟେକା ଫିଙ୍ଗିବା ଘଟଣା କିମ୍ବା ଦେଶବିରୋଧୀ ସ୍ଲୋଗାନ ଶୁଣିବାକୁ ମିଳୁନାହିଁ । ଭାରତ ଯେକୌଣସି ପ୍ରକାର ଯୁଦ୍ଧର ସମ୍ମୁଖୀନ ହେବାଲାଗି ପ୍ରସ୍ତୁତ ଅଛି । ଯେଉଁମାନେ ଆତଙ୍କବାଦର ପ୍ରସାର ଓ ପ୍ରାୟୋଜକ ସାଜିବେ ସେମାନଙ୍କୁ ଦୃଢ଼ହସ୍ତରେ ଦମନ କରାଯିବ ବୋଲି ଜେନେରାଲ ଦ୍ୱିବେଦୀ କହିଛନ୍ତି ।

**V/O**

ଜେନେରାଲ ଦ୍ୱିବେଦୀ ଆହୁରି କହିଛନ୍ତି ଯେ ଅପରେସନ ସିନ୍ଦୂର ଏକ ଟ୍ରେଲର ଥିଲା, ଯାହା ୮୮ଘଣ୍ଟା ମଧ୍ୟରେ ଶେଷ ହୋଇଥିଲା । ଯଦି ପାକିସ୍ତାନ କୌଣସି ଭୁଲ କାର୍ଯ୍ୟ କରିବସିବ, ଭାରତୀୟ ସଶସ୍ତ୍ର ବାହିନୀ ତାହାକୁ ଉଚିତ୍ ଜବାବ ଦେଇ ପଡୋଶୀ ସହ କିଭଳି ବ୍ୟବହାର ପ୍ରଦର୍ଶନ କରିବାକୁ ହେବ ସେ ସଂକ୍ରାନ୍ତରେ ଶିକ୍ଷା ଦେବ ବୋଲି ଜେନେରାଲ ଦ୍ୱିବେଦୀ କହିଛନ୍ତି । ରାଷ୍ଟ୍ରପ୍ରାୟୋଜିତ ଆତଙ୍କବାଦ ଭାରତ ପାଇଁ ଚିନ୍ତାର ବିଷୟ ପାଲଟିଛି, କାରଣ ଏହା ପ୍ରଗତି ଓ ବିକାଶ ଉପରେ ସର୍ବଦା ଆଲୋଚନା କେନ୍ଦ୍ରିତ କରିଥାଏ ବୋଲି ସ୍ଥଳସେନା ମୁଖ୍ୟ କହିଛନ୍ତି । ଭାରତ କହିଆସିଛି ଏକସଙ୍ଗେ କଦାପି ଜଳ ଓ ରକ୍ତ ପ୍ରବାହିତ ହୋଇପାରିବ ନାହିଁ ଏବଂ ଅନୁରୂପ ଭାବେ ଆଲୋଚନା ଓ ଆତଙ୍କବାଦ

ଚାଲିପାରିବ ନାହିଁ ବୋଲି ଜେନେରାଲ ଦ୍ୱିବେଦୀ କହିଛନ୍ତି । ଭାରତୀୟ ସ୍ଥଳସେନାର ମହତ୍ତ୍ୱାକାଂକ୍ଷୀ ଅନ୍ତର୍ଜାତୀୟ ସେମିନାର ଚାଣକ୍ୟ ଡିଫେନ୍ସ ଡାଇଲଗ୍‌ର ତୃତୀୟ ସଂସ୍କରଣ ଚଳିତମାସ ୨୭ ଓ ୨୮ ତାରିଖରେ ନୂଆଦିଲ୍ଲୀଠାରେ ଆରମ୍ଭ ହେବ ବୋଲି ଜେନେରାଲ ଦ୍ୱିବେଦୀ ସୂଚନା ଦେଇଛନ୍ତି । ଚଳିତବର୍ଷର ଏହି ସେମିନାରର ବାର୍ତ୍ତା ରହିଛି 'ରୂପାନ୍ତରଣ ଲାଗି ପ୍ରଦର୍ଶନ : ସଶକ୍ତ, ସୁରକ୍ଷିତ ଓ ବିକଶିତ ଭାରତ' ।

## ଶାହା ମିଟିଂ

ଉତ୍ତରାଞ୍ଚଳ ଜୋନାଲ ପରିଷଦର ୩୨ତମ ବୈଠକ ଆଜି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଚାଲିଛି । ହରିୟାଣାର ଫରିଦାବାଦରେ ହେଉଥିବା ଏହି ବୈଠକରେ ୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ନେତୃବୃନ୍ଦ ଯୋଗଦେଇଛନ୍ତି । ପଞ୍ଜାବ, ରାଜସ୍ଥାନ, ହରିୟାଣା, ହିମାଚଳ ପ୍ରଦେଶର ମୁଖ୍ୟମନ୍ତ୍ରୀ, ଦିଲ୍ଲୀ, ଜମ୍ମୁ କାଶ୍ମୀର ଏବଂ ଲଦାଖର ଉପରାଜ୍ୟପାଳ ଏବଂ ଚଣ୍ଡିଗଡ଼ର ମୁଖ୍ୟ ପ୍ରଶାସକ ପ୍ରମୁଖ ଅଂଶଗ୍ରହଣ କରିଛନ୍ତି । ଏହି ବୈଠକରେ ସଦସ୍ୟ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରେ ସମନ୍ୱୟ, ଜଳ ବଣ୍ଟନ ଏବଂ ବିକାଶ କାର୍ଯ୍ୟ ସମେତ ବିଭିନ୍ନ ଆଞ୍ଚଳିକ ତଥା ଜାତୀୟ ଗୁରୁତ୍ୱ ବହନ କରୁଥିବା ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି । ରାଜ୍ୟ ପୁନର୍ଗଠନ ଆଇନ-୧୯୫୬ ଅଧୀନରେ ସ୍ଥାପିତ ହୋଇଥିବା ଜୋନାଲ୍ ପରିଷଦଗୁଡ଼ିକ ସଦସ୍ୟ ରାଜ୍ୟଗୁଡ଼ିକ ମଧ୍ୟରେ ବିଭିନ୍ନ ଆହ୍ୱାନର ସମାଧାନ ଦିଗରେ ପରାମର୍ଶ ଦେଇଥା'ନ୍ତି । ଗତ ୧୧ ବର୍ଷ ମଧ୍ୟରେ ବିଭିନ୍ନ ଜୋନାଲ୍ ପରିଷଦର ମୋଟ୍ ୬୩ଟି ବୈଠକ ଅନୁଷ୍ଠିତ ହୋଇଛି । ଦେଶର ବିକାଶ ଏବଂ

ସୁରକ୍ଷା ଦୃଷ୍ଟିକୋଣରୁ ଉତ୍ତରାଞ୍ଚଳ ଜୋନାଲ ପରିଷଦର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

ସୂଚନାଯୋଗ୍ୟ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଟିମ୍ ଭାରତ ଭିଜନ ସହ ଜୋନାଲ କାଉନ୍‌ସିଲ ଉପରେ ଗୁରୁତ୍ୱ ଦେଇ ଆସୁଛନ୍ତି । ସଶକ୍ତ ରାଜ୍ୟ ଏକ ଦୃଢ଼ ରାଷ୍ଟ୍ର ଗଠନର ଲକ୍ଷ୍ୟ ରଖାଯାଇ ଜୋନାଲ କାଉନ୍‌ସିଲ ପରିଷଦ ବୈଠକ ଅନୁଷ୍ଠିତ ହେଉଛି ।

## ମଦିନା-ଆକ୍ସିଡେଣ୍ଟ

ସାଉଦୀ ଆରବର ମକ୍କାରୁ ମଦିନା ଯାଉଥିବା ଏକ ଯାତ୍ରୀବାହୀ ବସ୍ ମୁର୍ଫିୟାତ୍ ନିକଟରେ ଏକ ଡିଜେଲ ଟ୍ୟାଙ୍କରକୁ ଧକ୍କା ଦେବା ଫଳରେ ଅନେକ ଭାରତୀୟ ଉମ୍ରାହ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବା ଖବର ମିଳିଛି । ରବିବାର ରାତି ଗୋଟାଏ ୩୦ ମିନିଟ୍‌ରେ ଏହି ଦୁର୍ଘଟଣା ଘଟିଛି । ମୃତକଙ୍କ ମଧ୍ୟରେ ଅନେକ ମହିଳା ଓ ଶିଶୁ ରହିଥିବାବେଳେ ସମସ୍ତେ ହାଇଦ୍ରାବାଦର ବୋଲି କୁହାଯାଉଛି । ଧର୍ମୀୟ ରୀତିନୀତି ସମ୍ପନ୍ନ କରି ମକ୍କାରୁ ମଦିନା ଆଡକୁ ଯାଉଥିବାବେଳେ ବସ୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା ।

ସାଉଦୀ ଆରବର ମଦିନାଠାରେ ବସ୍ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଭାରତୀୟଙ୍କ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଃଖପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ସେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି । ଏଥିସହିତ ରିୟାଦଠାରେ ଥିବା ଭାରତୀୟ ଦୂତାବାସ ଓ ଜେଦାସ୍ଥିତ କନ୍‌ସୁଲେଟ୍ କାର୍ଯ୍ୟାଳୟ ଆହତମାନଙ୍କୁ ସମସ୍ତ ପ୍ରକାର ସମ୍ଭାବ୍ୟ ସହଯୋଗ ଯୋଗାଇ

ଦେଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏନେଇ ସାଉଦି ଆରବର କର୍ତ୍ତୃପକ୍ଷଙ୍କ ସହ ଭାରତୀୟ ଅଧିକାରୀମାନେ ଯୋଗାଯୋଗରେ ଅଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ମଦିନାରେ ଘଟିଥିବା ଦୁର୍ଘଟଣାରେ ମୃତକଙ୍କ ମଧ୍ୟରେ ବହୁ ଭାରତୀୟ ଥିବାରୁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଗଭୀର ଦୁଃଖପ୍ରକାଶ କରିବା ସହ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି । ଏଥିସହିତ ଆହତମାନଙ୍କ ଆଶୁଆରୋଗ୍ୟ କାମନା ମଧ୍ୟ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ଡକ୍ଟର ଜୟଶଙ୍କର କହିଛନ୍ତି ଯେ ଦୁର୍ଘଟଣାରେ ପ୍ରଭାବିତ ହୋଇଥିବା ଭାରତୀୟ ନାଗରିକ ଓ ସେମାନଙ୍କ ପରିବାରକୁ ସହଯୋଗ ଯୋଗାଇ ଦିଆଯାଉଛି । ଦୁର୍ଘଟଣା ସଂକ୍ରାନ୍ତରେ ଅଧିକ ତଥ୍ୟ ଦେବାଲାଗି ଜେଦାସ୍ଥିତ ଭାରତୀୟ କନ୍ସୁଲେଟ ଜେନେରାଲ ପକ୍ଷରୁ ହେଲ୍ପଲାଇନ୍ ନମ୍ବର ଜାରି କରାଯାଇଛି । ଏଥିସହିତ ଏକ ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ମଧ୍ୟ ସ୍ଥାପନ କରାଯାଇଛି ।

ମଦିନାଠାରେ ଭାରତୀୟ ଯାତ୍ରୀଙ୍କୁ ନେଇ ଯାଉଥିବା ବସ୍ ଦୁର୍ଘଟଣାରେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ଏ. ରେବନ୍ତ ରେଡ୍ଡୀ ଗଭୀର ଦୁଃଖପ୍ରକାଶ କରିଛନ୍ତି । ମୃତ ଓ ଆହତଙ୍କ ବିଷୟରେ ସବିଶେଷ ତଥ୍ୟ ସଂଗ୍ରହ କରିବା ଲାଗି ସେ ରାଜ୍ୟ ମୁଖ୍ୟ ଶାସନ ସଚିବ ଓ ପୁଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ହାଇଦ୍ରାବାଦସ୍ଥିତ ରାଜ୍ୟ ସଚିବାଳୟଠାରେ ଏନେଇ ଏକ କଣ୍ଟ୍ରୋଲରୁମ୍ ସ୍ଥାପନ କରାଯାଇଛି ।

# ଶାହା-ଲଜପତ ରାୟ

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଲାଲା ଲଜପତ ରାୟଙ୍କ ବଳିଦାନ ଦିବସରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ଶାହା ଭାରତୀୟ ସ୍ୱାଧୀନତା ସଂଗ୍ରାମୀ ଲାଲା ଲଜପତ ରାୟଙ୍କ ବୈପ୍ଳବିକ ଚିନ୍ତାଧାରା ଏବଂ ଗରିବ, କୃଷକ, ଯୁବବର୍ଗଙ୍କୁ ଏକତ୍ରିତ କରି ସେ କରିଥିବା ସଶସ୍ତ୍ର ବିପ୍ଳବକୁ ମନେ ପକାଇଛନ୍ତି । ସ୍ୱାଧୀନତା ସଂଗ୍ରାମରେ ତାଙ୍କ ଅସୀମ ତ୍ୟାଗ ଯୋଗୁଁ ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କୁ ଏକଜୁଟ୍ କରିବା ସମ୍ଭବ ହୋଇପାରିଥିଲା । ବ୍ରିଟିଶ ସରକାରଙ୍କ ଅକଥନୀୟ ଅତ୍ୟାଚାର ଓ ଶୋଷଣ ବିରୁଦ୍ଧରେ ସେ କରିଥିବା ସଂଗ୍ରାମର ଶ୍ରୀ ଶାହା ସ୍ମୃତିଚାରଣ କରିଛନ୍ତି ।

# ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଦେଶବ୍ୟାପୀ ଡିଜିଟାଲ ଜୀବନ ପ୍ରମାଣପତ୍ର ଅଭିଯାନ ୪.୦** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ପେନ୍‌ସନ ଏବଂ ପେନ୍‌ସନଭୋଗୀ କଲ୍ୟାଣ ବିଭାଗର ଯୁଗ୍ମସଚିବ ଧ୍ରୁବଜ୍ୟୋତି ସେନ୍‌ଗୁପ୍ତ, ଏସ୍‌ବିଆଇର ସିଜିଏମ୍ ଅମ୍ରିତ ସେନ ମୋହନ ଏବଂ ଇଣ୍ଡିଆ ପୋଷ୍ଟ ପେମେଣ୍ଟ୍‌ସ ବ୍ୟାଙ୍କର ସିଜିଏମ୍ ଗୁରୁଶରଣ ବଂଶଲ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117, 23314444, 23310481 ଏବଂ 23717106 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ

ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆକାଶବାଣୀ ଗୋଲ୍‌ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକୁଏନ୍ସ ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ ।